## ସଂକ୍ଷେପରେ

### ଅନୁଗୋଳରେ ୧୫୮ ପଜିଟିଭ୍

**ଅନୁଗୋଳ ଅଫିସ, ୭।୧୦:** ଅନୁଗୋଳ ଜିଲାରୁ ବୁଧବାର ୧୫୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍‌ଙ୍କ ସଂଖ୍ୟା ୫,୪୨୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୨୫, ପାଲଲହଡ଼ାରୁ ୨୩, ଅନୁଗୋଳ ପୌରାଞ୍ଚଳରୁ ୨୩, ଛେଣ୍ଡିପଦାରୁ ୨୨, ବଣ୍ଟରପାଳରୁ ୧୭, ଅନୁଗୋଳ ବ୍ଲକରୁ ୧୫, ତାଳଚେର ପୌରାଞ୍ଚଳରୁ ୧୨, କଣିହାଁ ବ୍ଲକରୁ ୧୦, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୮ ଏବଂ ବ୍ଲକରୁ ୨ ଜଣ ଓ କିଶୋରନଗର ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଆଉ ୧୨୯ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

### ୧୮ ଦୋକାନ ସିଲ୍



**ଆଠମଲ୍ଲିକ/ଅନୁଗୋଳ ଅଫିସ୍, ୭।୧୦:** ଆଠମଲ୍ଲିକ ବ୍ଲକ ମାଧପୁର ବଜାରରେ ବୁଧବାର ତହସିଲଦାର ସ୍ୱରୂପାନନ୍ଦ ସାହୁ ଚଢ଼ାଉ କରି କୋଭିଡ୍-୧୯ ନିୟମ ଉଲ୍ଲଂଘନକାରୀଙ୍କ ଦୋକାନ ସିଲ୍ କରିଛନ୍ତି। ଭିଡ଼ ଜମିଥିବା ୪ଟି ଦୋକାନକୁ ସିଲ୍ କରାଯାଇ ସେମାନଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ମାସ୍କ ପିନ୍ଧି ନ ଥିବା ଜଣେ ବ୍ୟକ୍ତିଙ୍କଠାରୁ ୧ ହଜାର ଟଙ୍କା ଆଦାୟ ହୋଇଛି। ଚଢ଼ାଉରେ ସବ୍‌ଇନ୍ସପେକ୍ଟର ବ୍ରହ୍ମାନନ୍ଦ ସାହୁ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଅନୁଗୋଳ ସହରର ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ୯୭ ବ୍ୟବସାୟୀଙ୍କ ମଧ୍ୟରୁ ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପୌର ପ୍ରଶାସନ ପକ୍ଷରୁ ୧୪ଟି ଦୋକାନକୁ ସିଲ୍ କରାଯାଇଛି।

### ନାଳରେ ବୁଡ଼ି ଯୁବକଙ୍କ ମୃତ୍ୟୁ



**ପାଲଲହଡ଼ା, ୭।୧୦(ଡି.ଏନ୍.ଏ.):** ଅନୁଗୋଳ ଜିଲା ପାଲଲହଡ଼ା ଥାନା ନିଜିଗଡ ପଞ୍ଚାୟତ ଦରେଇକେଲା ଗ୍ରାମର ଲକ୍ଷ୍ମଣ ପିଙ୍ଗୁଆ(୪୫)ଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ସେ ମାଙ୍କଡା ନାଳକୁ ଗାଧୋଇବାକୁ ଯାଇଥିବାବେଳେ ଘାଇରେ ବୁଡ଼ି ଯାଇଥିଲେ। ଖବରପାଇ ଦମକଳ ବାହିନୀ କର୍ମଚାରୀ ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ତାଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ମୋରମ ବୋଝେଇ ହାଇୱା ଜବତ



**ଭୁବନ, ୭।୧୦(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି ବୁଧବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ବେଆଇନ ମୋରମ ବୋଝେଇ ହାଇୱା (ନଂ. ଓଡି ୧୫ ଏନ ୭୭୮୧) ଜବତ କରିଛନ୍ତି। ଭୁବନ ତହସିଲର ବିଭିନ୍ନ ଅଞ୍ଚଳରୁ ମୋରମ, ପଥର ଓ ମାଙ୍କଡ଼ା ପଥର ଚୋରି ହେଉଥିବା ଅଭିଯୋଗ ହେଉଥିଲା। କୌଣସି ସୂତ୍ରରୁ ଖବରପାଇ ଅତିରିକ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ କୁମାର ପରିଡ଼ା ମିଳିତ ଭାବେ ଚଢ଼ାଉ କରିବା ସହ ଜବତ ହାଇୱାକୁ ପୋଲିସ ଜିମା ଦେଇଛନ୍ତି।

# ପାଳନ ହେଉନି ବର୍ଜ୍ୟବସ୍ତୁ ନିୟମାବଳୀ

**ଅନୁଗୋଳ ଅଫିସ, ୭।୧୦**




- ଘରୋଇ ହସ୍ପିଟାଲଗୁଡ଼ିକ ବିରୋଧରେ ବଢ଼ୁଛି ଅଭିଯୋଗ
- ଉପଯୁକ୍ତ ପରିଚାଳନା ପରିବର୍ତ୍ତେ ଏଣେତେଣେ ଫିଙ୍ଗାଯାଉଛି
- ସ୍ୱାସ୍ଥ୍ୟ ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷ ନୀରବ

ଆବଶ୍ୟକ ସଂଖ୍ୟକ ଡାକ୍ତର ଅଭାବରୁ ଅନୁଗୋଳ ଜିଲାରେ ସରକାରୀ ସ୍ୱାସ୍ଥ୍ୟସେବାର ସୁଫଳ ରୋଗୀଙ୍କୁ ମିଳୁନି। ଏହାର ସୁଯୋଗ ନେଇ ଜିଲାରେ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ୍ ସଂଖ୍ୟା ବୃଦ୍ଧି ପାଇଚାଲିଛି। ବିଶେଷକରି ଅନୁଗୋଳ ସହର ଓ ବ୍ଲକ ସଦର ମହକୁମାଗୁଡ଼ିକରେ ବହୁ ନର୍ସିଂହୋମ ଖୋଲାଯାଇଛି। କିନ୍ତୁ ସେସବୁ ମଧ୍ୟରୁ କେତେକ ଘରୋଇ ହସ୍ପିଟାଲ ଓ ନର୍ସିଂହୋମରେ ବର୍ଜ୍ୟବସ୍ତୁ ପରିଚାଳନା ଗାଇଡ ଲାଇନ୍‌କୁ ଠିକ୍ ଭାବେ ପାଳନ କରାଯାଉ ନ ଥିବା ଅଭିଯୋଗ ହେଉଛି।

ଜିଲାରେ ଥିବା ଘରୋଇ ମେଡିକାଲ ଓ ନର୍ସିଂହୋମଗୁଡ଼ିକୁ ଦୈନିକ ଶତାଧିକ ରୋଗୀ ଆସୁଛନ୍ତି। ୨୪ ଘଣ୍ଟିଆ ସେବା ସହ ବିଭିନ୍ନ ବିଭାଗର ଡାକ୍ତର, ବିଶେଷଜ୍ଞଙ୍କ ନିକଟରେ ତୁରନ୍ତ ଚିକିତ୍ସିତ ହେବାର ସୁବିଧା ଏଠାରେ ଥିବାରୁ ଦୂର ଦୂରାନ୍ତରୁ ରୋଗୀମାନେ ସରକାରୀ ଡାକ୍ତରଖାନା ଯାଇ ହୀନସ୍ତା ହେବା ଅପେକ୍ଷା ଘରୋଇ ଚିକିତ୍ସାଳୟ ଆସିବାକୁ ଉଚିତ ମଣୁଛନ୍ତି। ଏହାଛଡ଼ା ଡାଏଲିସିସ୍‌ଠାରୁ ଆରମ୍ଭ କରି ବିଭିନ୍ନ ଆଧୁନିକ ଅସ୍ତ୍ରୋପଚାର ଏଠାରେ ହୋଇପାରୁଥିବାରୁ ରୋଗୀ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ କେତୋଟି ଘରୋଇ ଚିକିତ୍ସାଳୟ ଓ ନର୍ସିଂହୋମ୍ ବାହାରୁଥିବା ବାୟୋ ବର୍ଜ୍ୟବସ୍ତୁକୁ ନିୟମାବଳୀ ଅନୁଯାୟୀ ପରିଚାଳନା ନ କରି ମେଡିକାଲ ପଛପାର୍ଶ୍ୱ କିମ୍ବା ଆବର୍ଜନା ସ୍ଥାନରେ ଫିଙ୍ଗି ଦେଉଛନ୍ତି। ଏପରି କି ବ୍ୟବହୃତ ଗଜ, ତୁଳା, ବ୍ୟାଣ୍ଡେଜ, କ୍ୟାଥେଟର, ରକ୍ତଥଳି, ସାଲାଇନ୍ ବୋତଲ, ସିରିଞ୍ଜ, କାଚ ଭାଓଏଲ, ଆମ୍ପୁଲ ଆଦି ଖୋଲାମେଲାରେ ପକାଯାଉଥିବା ଅନେକ ସମୟରେ ଦେଖିବାକୁ ମିଳୁଛି। ସେହିପରି ସହରରେ ଥିବା କେତୋଟି ଅତ୍ୟାଧୁନିକ କ୍ଲିନିକ ମଧ୍ୟ ଏପରି ପ୍ରଦୂଷିତ ପରିବେଶ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ଏ ନେଇ ଏକ କ୍ଲିନିକ କର୍ତ୍ତୃପକ୍ଷ କହିଛନ୍ତି, ବର୍ଜ୍ୟବସ୍ତୁକୁ ଏଣେ ତେଣେ ଫିଙ୍ଗା ନ ଯାଇ ଗାତ ଖୋଳି ପୋତି ଦିଆଯାଉଛି। ଏଥିପାଇଁ କାହାରି ପାଖରୁ ଅନୁମତି ନେବା ଆବଶ୍ୟକ ନାହିଁ। ଅଭିଯୋଗ ସମ୍ପର୍କରେ ଅନୁଗୋଳ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ କହିଛନ୍ତି, ଏପରି ଅଭିଯୋଗ ଆସିବା ପରେ ୨୦୧୯ରେ ସମସ୍ତ ନର୍ସିଂହୋମ୍‌କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲା। ଜିଲା ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଥିଲା। କିନ୍ତୁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ତାହା ଜାଣିନାହୁଁ।

**କେରଳ, ତାମିଲନାଡ଼ୁକୁ ଅନୁସରଣ କରାଯାଉ**



ବାୟୋ ବର୍ଜ୍ୟବସ୍ତୁ ଠିକ୍ ଭାବେ ପରିଚାଳନା କରା ନ ଗଲେ ଜନଜୀବନ ପ୍ରତି ବିପଦ ସୃଷ୍ଟି ହେବ। କେରଳ ଓ ତାମିଲନାଡ଼ୁ ସ୍ୱାସ୍ଥ୍ୟବିଭାଗ ଯେପରି ବାୟୋ ବର୍ଜ୍ୟ ପରିଚାଳନା କରୁଛି, ତାହାକୁ ଏଠାରେ ଅନୁସରଣ କରାଗଲେ ଭଲ ହେବ।

**-ସଙ୍ଗୀତା ମହାନ୍ତି, ସହରବାସୀ**

**ଉପଯୁକ୍ତ ତଦାରଖ ଅଭାବ**



ଜିଲାରେ ଥିବା ଘରୋଇ ଚିକିତ୍ସାଳୟଗୁଡ଼ିକ ବର୍ଜ୍ୟ ପରିଚାଳନା ନିୟମାବଳୀ ପାଳନ କରିବାକୁ ବାଧ୍ୟ। କିନ୍ତୁ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଠିକ୍ ଭାବେ ଏହାର ତଦାରଖ କରୁ ନ ଥିବାରୁ ବର୍ଷ ବର୍ଷ ଧରି ମେଡିକାଲ ବର୍ଜ୍ୟବସ୍ତୁ ଏଣେତେଣେ ଫିଙ୍ଗାଯାଉଛି।

**-ରୁକେଶ ରୋସନ ଦାସ, ସହରବାସୀ**

**ଲୋକଦେଖାଣିଆ ଚଢ଼ାଉ ହେଉଛି**



ଘରୋଇ ମେଡିକାଲରେ ବର୍ଜ୍ୟବସ୍ତୁ ପରିଚାଳନା କିପରି ଚାଲିଛି ତାହାର ତଦାରଖ ପାଇଁ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟାଳୟ ପକ୍ଷରୁ ଅଚାନକ ଯାଞ୍ଚ କରାଯିବା କଥା। ହେଲେ ହେଉଥିବା ଲୋକଦେଖାଣିଆ ଚଢ଼ାଉରୁ ସୁଫଳ ମିଳୁନି।

**-ଭୂପେଶ ପ୍ରଧାନ, ସହରବାସୀ**

**ଟିମ୍ ଗଠନ କରି ଯାଞ୍ଚ କରାଯିବ**



ବିଭିନ୍ନ ସମୟରେ ନର୍ସିଂହୋମ୍ ପରିଦର୍ଶନ କରାଯାଉଛି। ବାୟୋବର୍ଜ୍ୟ ପରିଚାଳନା ଠିକ୍ ଭାବେ ହେଉଥିବା ସେମାନେ ଲିଖିତ ଭାବେ ଅବଗତ କରୁଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଏକ ଟିମ୍ କରାଯାଇ ଯାଞ୍ଚ କରାଯିବ।

**-ଡାକ୍ତର ଅଭୟ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅନୁଗୋଳ**

## ଗ୍ରାମାଞ୍ଚଳରେ ସଚେତନତାକୁ ଗୁରୁତ୍ୱ

**କିଶୋରନଗରରେ ଜିଲାପାଳ**

**ବଇଣ୍ଠା, ୭।୧୦(ଡି.ଏନ.ଏ.)**

ଗ୍ରାମାଞ୍ଚଳରେ ଏବେ କରୋନା ସଂକ୍ରମଣ ବଢିବାରେ ଲାଗିଛି। ଏଥିରେ ରୋକ୍ ଲଗାଇବାକୁ ପ୍ରଶାସନିକ ଅଧିକାରୀମାନେ ଗ୍ରାମାଞ୍ଚଳରେ ସଚେତନତା ବାଣ୍ଟିବାକୁ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୁଧବାର କିଶୋରନଗର ଗସ୍ତବେଳେ ଅନୁଷ୍ଠିତ ବୈଠକରେ ପରାମର୍ଶ ଦେଇଛନ୍ତି। ଜିଲାପାଳ ବ୍ଲକରେ ସମସ୍ତ ସରକାରୀ ଯୋଜନାର କାର୍ଯ୍ୟକାରିତା ସମୀକ୍ଷା କରିଥିଲେ। ହିତାଧିକାରୀ କିଭଳି କୌଣସି ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସମସ୍ତ ଅଧିକାରୀ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ପରେ ତହସିଲ କାର୍ଯ୍ୟାଳୟକୁ ଯାଇ ରାଜସ୍ୱ ଆଦାୟ ସମ୍ପର୍କରେ ସମୀକ୍ଷା କରିଥିଲେ। ନାକିଚିସ୍ଥିତ ଜୟଗଡ ପ୍ରୋଜେକ୍ଟର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାର ପୁନରୁଦ୍ଧାର ସହ କେନାଲଗୁଡିକରୁ କିପରି ଜମିକୁ ଜଳସେଚନ କରାଯାଇପାରିବ ସେ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗୀୟ ଅଧିକାରୀଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ବିଡିଓ ଶ୍ୟାମଳ କୁମାର ରାୟ, ଏବିଡିଓ ଜ୍ୟୋତି ରଞ୍ଜନ ପ୍ରଧାନ, ସିଡିପିଓ ଶୁଭାସିନୀ ମହାଳିକ, ସୁନୀଲ କୁମାର ସିଂହ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଯୋଗ ଦେଇଥିଲେ।

## ଫଟୋରେ ଖବର




ସଂକ୍ରମଣ ବଢୁଥିବାରୁ ଜିଲା ବଣିକ ସଂଘର ନିଷ୍ପତ୍ତିକ୍ରମେ ବୁଧବାର ଅପରାହ୍ନ ୨ଟା ପରେ ଅନୁଗୋଳ ବଜାରକୁ ବନ୍ଦ ରଖାଯାଇଛି।



ଅନୁଗୋଳ ସହରର ଜଣେ ବ୍ୟକ୍ତି କାମ ସାରି ଗଛତଳେ ବିଶ୍ରାମ ନେଉଛନ୍ତି। (ଫଟୋ- ବୁବୁ)

### ୬୮ ଆକ୍ରାନ୍ତ, ୪୮ ସୁସ୍ଥ

**ଢେଙ୍କାନାଳ ଅଫିସ,୭।୧୦**

ଢେଙ୍କାନାଳ ଜିଲାରେ ବୁଧବାର ୬୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରେ ୫, କାମାକ୍ଷାନଗର ବ୍ଲକରେ ୩ ଓ ଏନ୍‌ଏସି ୧, ସଦର ବ୍ଲକରେ ୭, ପରଜଙ୍ଗରେ ୩, ଓଡାପଡାରେ ୧୭, ଭୁବନ ବ୍ଲକରେ ୧୮, ହିନ୍ଦୋଳରେ ୨, ଗଁଦିଆ ବ୍ଲକରୁ ୧୨ଜଣ ରହିଛନ୍ତି। ଏହି ସଂକ୍ରମିତଙ୍କୁ ମିଶାଇ ଜିଲାରେ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୪,୧୫୭ରେ ପହଞ୍ଚିଛି। ସେହିପରି ଦିନକରେ ସୁସ୍ଥ ହୋଇଥିବା ୪୮ଜଣଙ୍କୁ ମିଶାଇ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୩,୫୯୩ ହୋଇଛି।

### ଗୁରୁ ଶ୍ରୀଧର ମହାନ୍ତିଙ୍କ ପରଲୋକ

**ଢେଙ୍କାନାଳ ଅଫିସ,୭।୧୦**

ଢେଙ୍କାନାଳର ଜଣାଶୁଣା ସଙ୍ଗୀତ ଓ ନାଟ୍ୟଗୁରୁ ଶ୍ରୀଧର ମହାନ୍ତିଙ୍କ ମଙ୍ଗଳବାର ରାତିରେ ତାଙ୍କ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୬୭ ବର୍ଷ ହୋଇଥିଲା। ସେ ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ସଙ୍ଗୀତ ଶିକ୍ଷା ପ୍ରଦାନ କରୁଥିଲେ। ପାର୍ବତୀ ଲୋକନାଟ୍ୟର ସେ ପ୍ରତିଷ୍ଠାତା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସହରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି।

## ଏକ୍ସପାଏରି ମୃଦୁ ପାନୀୟ ବିକ୍ରି ଅଭିଯୋଗ

**ଅନୁଗୋଳ ଅଫିସ, ୭।୧୦**

ଏକ୍ସପାଏରି ହୋଇଯାଇଥିଲେ ବି ବିକ୍ରି ହେଉଛି ମୃଦୁ ପାନୀୟ। ଅନୁଗୋଳ ସହର ବସ୍‌ଷ୍ଟାଣ୍ଡ ନିକଟ ଏକ ଦୋକାନରୁ ୨ ଦିନ ତଳେ ଜଣେ ଯୁବକ ଏପରି ୧୦ ବୋତଲ ମୃଦୁ ପାନୀୟ କିଣି ଠକାମୀର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଦୃଷ୍ଟି ଆକର୍ଷଣ କରିବା ପରେ ଟଙ୍କା ଫେରାଇବା ପରିବର୍ତ୍ତେ ଦୋକାନୀ ନାଲି ଆଖି ଦେଖାଯାଇଥିବା ଯୁବକ ଜଣକ ଅଭିଯୋଗ କରିଛନ୍ତି। ଠକାମୀ ସମ୍ପର୍କରେ ସେ ପୌରପାଳିକା ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ।

ସମ୍ପୃକ୍ତ ଯୁବକଙ୍କ କହିବା ଅନୁଯାୟୀ, ଦୁଇ ଦିନ ତଳେ ସେ ବସ୍‌ଷ୍ଟାଣ୍ଡଠାରେ ଥିବା ଏକ ଦୋକାନରୁ ସାଙ୍ଗମାନଙ୍କ ପାଇଁ ୧୦ଟି ମୃଦୁ ପାନୀୟ ବୋତଲ କିଣିଥିଲେ। ଏକ୍ସପାଏରି ଡେଟ୍ ଅଛି କି ନାହିଁ ତାହା ସେଠାରେ ଦେଖି ନ ଥିଲେ। ସାଙ୍ଗମାନଙ୍କ ମଧ୍ୟରୁ ୨ଜଣ ତାହା ପିଇବା ପରେ ସ୍ୱାଦ ଅଲଗା ଆସିବାରୁ ସନ୍ଦେହ ହୋଇଥିଲା। ପରେ ସମସ୍ତ ବୋତଲ ଏକ୍ସପାଏରି ହୋଇଯାଇଥିବା ସେ ଦେଖିବାକୁ ପାଇଥିଲେ। ଏ ନେଇ ଜଣାଇବା ପରେ ଦୋକାନୀ ଜଣକ ଫାଙ୍କି ଦେଇଥିଲେ। ଫଳରେ ସେ ଅନୁଗୋଳ ପୌରପାଳିକା ନିକଟରେ ଅଭିଯୋଗ କରିଥିବା ଯୁବକ ଜଣକ କହିଛନ୍ତି। ଅଭିଯୋଗ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର

- ହାତ ଟେକି ଦେଲା ପୌରପାଳିକା
- ଅଭିଯୋଗ ଖୋଜୁଛନ୍ତି ଜନସ୍ୱାସ୍ଥ୍ୟ ଅଧିକାରୀ

ପଣ୍ଡା କୁହନ୍ତି, ଖାଦ୍ୟ କିମ୍ବା ପାନୀୟର ମାନ ପରଖିବା ପାଇଁ ପୌରପାଳିକା ନିକଟରେ କ୍ଷମତା ନାହିଁ। ମେଡିକାଲରେ ଥିବା ଜନସ୍ୱାସ୍ଥ୍ୟ ଅଧିକାରୀ ମାନ ପରୀକ୍ଷା କରି ସାର୍ଟିଫିକେଟ୍ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜନସ୍ୱାସ୍ଥ୍ୟ ଅଧିକାରୀ ହରପ୍ରିୟା ବେହେରା କହିଛନ୍ତି, ବିଭିନ୍ନ ସମୟରେ ସହରରେ ଚଢ଼ାଉ ହେଉଛି। କିନ୍ତୁ ଏପରି କୌଣସି ଅଭିଯୋଗ ଆସିନାହିଁ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅଭିଯୋଗ କରାଗଲେ ଚଢ଼ାଉ କରାଯିବ ବୋଲି ବେହେରା ପ୍ରକାଶ କରିଛନ୍ତି।

## ବସ୍‌ଷ୍ଟାଣ୍ଡରୁ ୩ ବ୍ୟାଗ୍ ଗଞ୍ଜେଇ ଜବତ

**ଅନୁଗୋଳ ଅଫିସ, ୭।୧୦**

- ବସ୍‌ରେ କୋଲକାତା ଚାଲାଣ ହେଉଥିଲା
- ଖସିଗଲେ ୩ ଚାଲାଣକାରୀ

ଅନୁଗୋଳ ବସ୍‌ଷ୍ଟାଣ୍ଡରୁ ବୁଧବାର ସନ୍ଧ୍ୟାରେ ୩ ବ୍ୟାଗ ଗଞ୍ଜେଇ ଜବତ ହୋଇଛି। କୋଲକାତା ଯାଉଥିବା ଏକ ବସ୍‌ରେ ଏହା ଅନୁଗୋଳରୁ ଚାଲାଣ ହେଉଥିବା ଖବରପାଇ ପୋଲିସ ତାହାକୁ ଜବତ କରିଛି। ତେବେ ୩ ଚାଲାଣକାରୀ ଫେରାର ହୋଇଯାଇଛନ୍ତି।

ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଉକ୍ତ ଘରୋଇ ବସ୍ ତାଳଚେରରୁ ଅନୁଗୋଳ ବସ୍‌ଷ୍ଟାଣ୍ଡକୁ ଆସିଥିଲା। ଅନୁଗୋଳରୁ ଯାତ୍ରୀଙ୍କୁ ନେଇ ଗାଡ଼ିଟି କୋଲକାତା ଅଭିମୁଖେ ଯାତ୍ରା କରିଥାନ୍ତା। ଏହି ସମୟରେ ୩ ଜଣ ଯୁବକ ୩ଟି ବ୍ୟାଗ୍ ଧରି ବସ୍‌କୁ ଅପେକ୍ଷା କରିଥିଲେ। ବସ୍ ପଛ ଡିକିରେ ହେଲପର ଉକ୍ତ ବ୍ୟାଗସବୁ ଲୋଡ୍ କରିବା ସମୟରେ ସେଥିରେ କ’ଣ ଅଛି ବୋଲି ପଚାରିବାରୁ ଯୁବକମାନେ ସେଠାରୁ ଦୌଡ଼ି ପଳାଇଥିଲେ। ବ୍ୟାଗ ଭିତରେ ଗଞ୍ଜେଇ ଥିବା ଦେଖି ବସ୍ କର୍ମଚାରୀ ଅନୁଗୋଳ ଥାନାକୁ ଖବର ଦେଇଥିଲେ। ମାଜିଷ୍ଟ୍ରେଟ୍ ଦୋଳଗୋବିନ୍ଦ ସାହୁଙ୍କ ଉପସ୍ଥିତିରେ ଏସ୍‌ଆଇ ପ୍ରକାଶ ମାଝି ଓ ସତ୍ୟ ରଞ୍ଜନ ଲେଙ୍କା ଉକ୍ତ ୩ଟି ବ୍ୟାଗ ଜବତ କରିଥିଲେ। ଏତେ ପରିମାଣର ଗଞ୍ଜେଇ କେଉଁଠୁ ଅଣାଯାଇଥିଲା ଏବଂ ଏଥିରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ତଦନ୍ତ ଚାଲିଥିବା ପୋଲିସ କହିଛି।




ଅନୁଗୋଳ ପୋଲିସ ଗଞ୍ଜେଇ ବ୍ୟାଗ୍‌ଗୁଡ଼ିକୁ ଜବତ କରୁଛି।

## ବର୍ଷେ ଭିତରେ ସୌନ୍ଦର୍ଯ୍ୟକରଣ

**ଅନୁଗୋଳ ଅଫିସ, ୭।୧୦**

ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ ଯୋଜନାର ଠିକ୍ କାର୍ଯ୍ୟକାରିତାକୁ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୁଧବାର ଜିଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ତମ ସେବା ସହ ନୂତନ ଢଙ୍ଗରେ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ତଥା ଚିକିତ୍ସାଳୟର ସୌନ୍ଦର୍ଯ୍ୟକରଣ ଆସନ୍ତା ଏକ ବର୍ଷ ମଧ୍ୟରେ ଶେଷ କରିବାକୁ ବୈଠକରେ ଜିଲାପାଳ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ଓ ନିୟମିତ ବର୍ଜ୍ୟବସ୍ତୁ, ନର୍ଦ୍ଦମା ପାଣି ନିଷ୍କାସନ ଉପରେ ଅଧିକ ଧ୍ୟାନ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ମା’ ଓ ଶିଶୁଙ୍କ ଯତ୍ନ ନେବା ପାଇଁ ଆଶା, ଅଙ୍ଗନୱାଡି କର୍ମୀ ନିଷ୍ଠାର ସହ ଦାୟିତ୍ୱ ତୁଲାଇବା ଉପରେ ଜିଲାପାଳ ବୈଠକରେ ଗୁରୁତ୍ୱ ଦେଇଥିଲେ। ଗାଁ କଲ୍ୟାଣ ସମିତିଗୁଡିକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ନିୟମିତ ସେମାନଙ୍କ କାର୍ଯ୍ୟର ସମୀକ୍ଷା କରିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ୫୦ ହଜାର ଲୋକସଂଖ୍ୟାକୁ ନେଇ ଅନୁଗୋଳର ହୁଲୁରିସିଂହାଠାରେ ସହରାଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହେବ। ସେହିପରି ତାଳଚେରରେ ସ୍ଥାନ ଚିହ୍ନଟ ହେଲେ ସେଠାରେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଜିଲାପାଳ କହିଥିଲେ। ପାଲଲହଡ଼ା ମେଡିକାଲରେ ପ୍ରସବ ସଂଖ୍ୟା କମ୍ ଥିବାରୁ ସେଠାରେ ନିୟମିତ ସ୍ୱାସ୍ଥ୍ୟପରୀକ୍ଷା କରି ଲୋକଙ୍କୁ ସଚେତନ କରିବାକୁ ଜିଲାପାଳ କହିଥିଲେ। ଜିଲା ଖଣିଜ ପାଣ୍ଠିରୁ ୧୦ ଜଣ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ସହ କେବଳ କାର୍ଡିଓଲୋଜି ଓ ନ୍ୟୁରୋଲୋଜି ବିଶେଷଜ୍ଞ ଡାକ୍ତରଙ୍କୁ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସମ୍ପୂର୍ଣ୍ଣ ଟିକାକରଣ, ପିପିଆଇ, ନିରାମୟ, ସିଟି ସ୍କାନ ଓ ଡାୟାଲିସିସର କାର୍ଯ୍ୟକାରିତା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ସିଡିଏମ୍‌ଓ ଡା. ଅଭୟ କୁମାର ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ କୁମାର ପଟ୍ଟନାୟକ, ଡା. ବିଶ୍ୱ ବିହାରୀ ମହାନ୍ତିଙ୍କ ସମେତ ଚିକିତ୍ସାଳୟର ବିଭିନ୍ନ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ବିଶ୍ୱରଞ୍ଜନ ରଥ ବୈଠକରେ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ।



ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲା ସ୍ୱାସ୍ଥ୍ୟ ସମିତି ବୈଠକ।

- ଜିଲା ମୁଖ୍ୟ ଚିକିତ୍ସାଳୟ ନେବ ନୂଆ ରୂପ
- ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ବୈଠକରେ ନିର୍ଦ୍ଦେଶ
- ହୁଲୁରିସିଂହାଠାରେ ହେବ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର

